AISSCE – 2019

Subject: ODIA (113)

CLASS-XII

MARKING SCHEME

Series: BVM **Maximum Marks:100**

General Instructions:

a) The Marking Scheme carries only suggested value points for the answers. These are only guidelines and do not constitute the complete answer. The students can have their own expression and if the expression is correct, the marks be awarded accordingly.

b) As per the orders of the Hon'ble Supreme Court, the candidates are permitted to obtain photocopy of the Answer Book on request on payment of the prescribed fee.

c) All the Head Examiners/Examiners are instructed that while evaluating the answer scripts, if the answer is found to be totally incorrect, the (X) should be marked on the incorrect answer and awarded '0' Marks.

'କ' ବିଭାଗ

Q. No.	KEY POINTS / VALUE POINTS	DIVISION OF MARKS	TOTAL MARKS
୧.	(କ) ସାମରିକ ଓ ରାଜନୀତିର ଗୁରୁତ୍ୱ ବହନ କରି ଗଙ୍ଗ ଓ ଗଜପତିଙ୍କ ରାଜତ୍ୱ କାଳରୁ କଟକ ଓଡ଼ିଶାର ରାଜନୀତିକ କେନ୍ଦ୍ରସ୍ଥଳୀ ରୂପେ ବିବେଚିତ ହେଉଥିଲା ଏବଂ ପୁରୀ ଯିବା ପାଇଁ ଜଗନ୍ନାଥ ସଡ଼କ କଟକକୁ ସ୍ପର୍ଶ କରୁଥିବାରୁ କଟକ ଗୁରୁତ୍ୱପୂର୍ଣ୍ଣ ଥିଲା ।	୨	୧୦
	(ଖ) ସୁବେଦାର ଭୋନ୍‌ସଲାବଙ୍କ ପ୍ରତିନିଧି ରୂପେ କାର୍ଯ୍ୟ କରୁଥିଲେ ଓ ବାରବାଟୀ ଦୁର୍ଗର ସୁବେଦାରମାନେ ଉପକୂଳ ଅଞ୍ଚଳରେ ଇଂରେଜ ବଣିକମାନଙ୍କୁ ସୁରକ୍ଷା ପ୍ରଦାନ କରୁଥିଲେ ।	୨	
	(ଗ) ଓଡ଼ିଆମାନଙ୍କ ସଂସ୍କୃତି ଓ ଅର୍ଥନୀତିକୁ କଟକ ପ୍ରଭାବିତ କରୁଥିଲା ଏବଂ କଟକ ଭିତରେ ପ୍ରବାହିତ ମହାନଦୀ ପୂର୍ବ ଉପକୂଳ ଓ ପଶ୍ଚିମାଞ୍ଚଳର ଗଡ଼ଜାତ ରାଜ୍ୟ ମାନଙ୍କର ଗମନାଗମନ ପାଇଁ ବ୍ୟବହୃତ ହେଉଥିବାରୁ ମହାନଦୀକୁ ଗୁରୁତ୍ୱ ଦିଆଯାଇଥିଲା ।	୨	
	(ଘ) ଓଡ଼ିଶାର ସାମରିକ, ରାଜନୀତିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ କଟକ ଉପରେ ନିର୍ଭର କରୁଥିଲା ଓ ଇଂରେଜମାନଙ୍କର ବାଣିଜ୍ୟ କୋଠି ମଧ୍ୟ କଟକରେ ଥିଲା, ତେଣୁ କଟକର ପ୍ରାଧାନ୍ୟ ଅସାଧାରଣ ଥିଲା ।	୨	
	(ଙ) ଇଷ୍ଟଇଣ୍ଡିଆ କମ୍ପାନୀ ବଙ୍ଗୋପସାଗରର ଉପକୂଳ ଅଞ୍ଚଳ ମାନଙ୍କରେ ଯେଉଁ ବାଣିଜ୍ୟ ବ୍ୟବସାୟ ଚଳାଇଥିଲେ ତାହା ଓଡ଼ିଶାର ବନ୍ଦରମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିଲା ।	୨	
	(ପ୍ରତିଟି ପ୍ରଶ୍ନର ଉତ୍ତର ପୂର୍ଣ୍ଣବାକ୍ୟରେ ଲେଖାଯିବା ଉଚିତ୍)	୨	

'ଖ' ବିଭାଗ

Q. No.	KEY POINTS / VALUE POINTS	DIVISION OF MARKS	TOTAL MARKS
୨.	ଉପକ୍ରମ	୧	
	ବିଷୟବସ୍ତୁ ବିଶ୍ଳେଷଣ	୪	
	ଭାଷା, ଅନୁଚ୍ଛେଦୀକରଣ, ଉଦ୍ଧୃତି	୨	୮
	ଉପସଂହାର	୧	
	(ସମସ୍ତ ପ୍ରବନ୍ଧ ପାଇଁ ଏହି ନୀତିକୁ ଅନୁସରଣ କରାଯିବ)		
୩.	ସମ୍ବୋଧନ ପର୍ଯ୍ୟାୟ	୧	
	ଉପସ୍ଥାପନ/ବିଷୟବସ୍ତୁ	୪	୭
	ଭାଷା ଓ ଲିଖନ ଶୈଳୀ	୧	
	ଠିକଣା	୧	

'ଗ' ବିଭାଗ

୪.	(କ) **ବିପରୀତାର୍ଥବୋଧକ ଶବ୍ଦ:** ଉଦାର–ଅନୁଦାର, ଧାର୍ମିକ–ଅଧର୍ମୀ/ଅଧର୍ମାଚାରୀ, ନିରପେକ୍ଷତା–ପକ୍ଷପାତିତା, ଉଦ୍‌ବିଗ୍ନ–ନିରୁଦ୍‌ବିଗ୍ନ, କୃତ୍ରିମ–ପ୍ରାକୃତିକ/ଅକୃତ୍ରିମ, ସମ–ଅସମ/ବିଷମ, ରୋଗୀ–ନୀରୋଗ	୫x୧	୫
	(ଖ) **ଅର୍ଥଗତ ପାର୍ଥକ୍ୟ:** ଗିରିଶ–ମହାଦେବ, ଗିରୀଶ–ଶ୍ରେଷ୍ଠଗିରି (ହିମାଳୟ) ଗୋଲକ–ଗୋଲାକାର ବସ୍ତୁ, ଗୋଲୋକ–ବୈକୁଣ୍ଠପୁର/ସ୍ୱର୍ଗପୁର କୋଶ–ଦୂରତା ବିଶେଷରେ (ପ୍ରାୟ ଦୁଇମାଇଲ ଦୂରତା) କୋଷ–(ରେଶମ ପୋକର ଗୋଟା), ଅଭିଧାନ, ଖଣ୍ଡାଖୋଳ, ଭଣ୍ଡାର ଅଭିନୟ–ନାଟକ ପ୍ରଦର୍ଶନ/ଅଙ୍ଗ ଚାଳନା ଦ୍ୱାରା ମନର ଭାବ ପ୍ରକାଶ ଅଭିନେୟ–ଅଭିନୟ ଯୋଗ୍ୟ ତୂଳା–କପାଗଛ, ବଳିତା, ଦୀପର ବତୀ ତୁଳା–ଓଜନ/ସାମ୍ୟ/ତୁଳାରାଶି/ନିକିତି/ସାଦୃଶ୍ୟ କପା, ଶିମିଳି ଆଦି ଫଳରୁ ନିର୍ଗତ ତନ୍ତୁମୟ ପଦାର୍ଥ ତରଣି–ସୂର୍ଯ୍ୟ, ତରଣୀ–ନୌକା ବିଷ–ଗରଳ, ବିସ–ପଦ୍ମନାଡ଼	୫x୧	୫

Q. No.	KEY POINTS / VALUE POINTS	DIVISION OF MARKS	TOTAL MARKS
୫.	(କ) **ଭ୍ରମ ସଂଶୋଧନ :** ପିୟୂଷ–ପୀୟୂଷ, ବିଷର୍ଣ–ବିଷଣ୍ଣ, ଭୂମିଷ୍ଟ–ଭୂମିଷ୍ଠ, ବର୍ଷିୟାନ–ବର୍ଷୀୟାନ, ବିଶୁଦ୍ଧିକରଣ–ବିଶୁଦ୍ଧକରଣ/ବିଶୁଦ୍ଧି ଅଗ୍ରୀମ–ଅଗ୍ରିମ, ମୂର୍ତ୍ତୀ–ମୂର୍ତ୍ତି	୫x୧	୫
	(ଖ) **ଏକପଦରେ ପ୍ରକାଶ:** ଶରୀର ସମ୍ବନ୍ଧୀୟ–ଶାରୀରିକ ଯାହା ପୂର୍ବରୁ ଶୁଣାଯାଇ ନଥିଲା–ଅଶ୍ରୁତପୂର୍ବ ପିତାଙ୍କର ଭ୍ରାତା–ପିତୃବ୍ୟ ଭାଷାଶାସ୍ତ୍ରରେ ପ୍ରବୀଣ–ଭାଷାବିତ୍ ସ୍ତ୍ରୀର ଅନୁଗାମୀ–ସ୍ତ୍ରୈଣ ଅନୁସନ୍ଧାନ କରିବାର ଇଚ୍ଛା–ଅନୁସନ୍ଧିତ୍ସା/ଅନୁସନ୍ଧିତ୍ସୁ ସୁଜନର ଭାବ–ସୌଜନ୍ୟ **(ବ୍ୟାକରଣ ପର୍ଯ୍ୟାୟରେ କୌଣସି ଶବ୍ଦର ବନାନ ଭୁଲ ଥିଲେ $\frac{୧}{୨}$ ମାର୍କ କଟାଯିବ)**	୫x୧	୫

'ଘ' ବିଭାଗ

୬.	ପ୍ରାବନ୍ଧିକଙ୍କ ପରିଚୟ ବିଷୟବସ୍ତୁ,ବର୍ଣ୍ଣନାଶୈଳୀ ଭାଷାଜ୍ଞାନ ଓ ଉଦ୍ଧୃତି ଉପସଂହାର/ନିଜସ୍ୱ ମତାମତ	୧ ୫ ୧ ୧	୮
୭.	ଲେଖକ ପରିଚୟ ପ୍ରସଙ୍ଗ ନିର୍ଦ୍ଦେଶ ବର୍ଣ୍ଣନା, ବିଷୟବସ୍ତୁ, ନିଜସ୍ୱ ମତାମତ	୧ ୧ ୩	୫
୮.	(କ) **ବାଗ୍ମୀ ବିଶ୍ୱନାଥ କର– ଇତିହାସ** ସକଳ ପ୍ରକାର ବିପ୍ଳବ ମୂଳରେ ସତ୍ୟ ହିଁ ନିହିତ ଥାଏ । (ଖ) **ଗୋଲୋକ ବିହାରୀ ଧଳ– ସ୍ୱାଧୀନଦେଶରେ ଶିକ୍ଷାଚିନ୍ତା** ସମସ୍ତେ ପାଠପଢ଼ି ସାରିବା ପର୍ଯ୍ୟନ୍ତ ଯୋଜନାକୁ ପକାଇ ରଖିଲେ ଆମେ ବହୁତ ପଛରେ ପଡ଼ିଯିବା । (ଗ) **କୃଷ୍ଣଚନ୍ଦ୍ର ପାଣିଗ୍ରାହୀ– ପୁଷ୍ପପୁରରେ ବର୍ଷାବରଣ** ବାରିବାହକୁ କୋଣାର୍କ ମନ୍ଦିର ବିପୁଳ ବିଭବର ବାର୍ତ୍ତା ଏବଂ ଅତୁଳିତ ଲଳିତକଳାର ଛନ୍ଦୋମୟୀ ଗାଥା ଶୁଣାଇବ ।	୩x୨	୬

Q. No.	KEY POINTS / VALUE POINTS	DIVISION OF MARKS	TOTAL MARKS
	(ଘ) **ବାଗ୍ମୀ ବିଶ୍ୱନାଥ କର– ଇତିହାସ** ପ୍ରତ୍ୟେକ ଜାତିର ପ୍ରାଚୀନ ଇତିହାସରେ କେବଳ କେତେଗୁଡ଼ିଏ କ୍ଷମତାଶାଳୀ ବୀର ପୁରୁଷଙ୍କର କଳ୍ପନାମିଶ୍ରିତ ବିବରଣ ଉପସ୍ଥାପନ କରାଯାଇଛି । (ଙ) **ଗୋଲୋକ ବିହାରୀ ଧଳ– ସ୍ୱାଧୀନଦେଶରେ ଶିକ୍ଷା ଚିନ୍ତା** ଭାରତରେ ବିଶେଷଜ୍ଞମାନଙ୍କୁ ବିଶେଷ ସମ୍ମାନ ମିଳୁନାହିଁ ବୋଲି ଭାରତୀୟ ଛାତ୍ରମାନେ ଆମେରିକା ଛାଡ଼ି ଆସିବାକୁ ଚାହୁଁନାହାନ୍ତି।		
୯.	(କ) ଏକାଥରକେ (ଖ) ଯେଉଁ ଦେଶରେ ଲୋକେ ନିଜର କର୍ତ୍ତବ୍ୟ ଓ ଅଧିକାର ସଂପର୍କରେ ଅଜ୍ଞ । **(ଭାରତ ଲେଖିଲେ ମଧ୍ୟ ନମ୍ବର ଦିଆଯିବ)** (ଗ) ଜଗନ୍ନାଥ **(ଯେ କୌଣସି ଉତ୍ତର ଲେଖିଲେ ମଧ୍ୟ ଠିକ୍ । କାରଣ ବିକଳ୍ପ ଭାବେ ଦିଆଯାଇଥିବା (ନୀଳାଚଳନାଥ, ପତିତପାବନ, ନୀଳାଦ୍ରିନାଥ) ପ୍ରତିଟି ଶବ୍ଦର ଅର୍ଥ ଜଗନ୍ନାଥଙ୍କୁ ହିଁ ବୁଝାଏ)** (ଘ) ଇତିହାସ	୪x୧	୪
୧୦.	କବି ପରିଚୟ ବିଷୟବସ୍ତୁ,ବର୍ଣ୍ଣନାଶୈଳୀ ଭାଷାଜ୍ଞାନ ଓ ଉଦ୍ଧୃତି ଉପସଂହାର/ନିଜସ୍ୱ ମତାମତ	୧ ୪ ୧ ୧	୭
୧୧.	କବି ପରିଚୟ ପ୍ରସଙ୍ଗ ନିର୍ଦ୍ଦେଶ ବର୍ଣ୍ଣନା , ବିଷୟବସ୍ତୁ, ନିଜସ୍ୱ ମତାମତ	୧ ୧ ୩	୫
୧୨.	(କ) **ବନ୍ଦୀର ବିରହ ବ୍ୟଥା– ଗୋପବନ୍ଧୁ ଦାଶ** ସୂର୍ଯ୍ୟଙ୍କର ବିଦାୟକାଳୀନ ଦୃଶ୍ୟ ଅତ୍ୟନ୍ତ ମନୋରମ, ଯାହାକୁ କବି ଆକାଶରେ ନାନା ରଙ୍ଗର ଚାନ୍ଦୁଆ ଆଚ୍ଛାଦିତ ହୋଇଥିବାର ବର୍ଣ୍ଣନା କରିଛନ୍ତି । (ଖ) **ତପସ୍ୱିନୀର ପତ୍ର– ଗଙ୍ଗାଧର ମେହେର** ଅଶ୍ୱମେଧ ଯଜ୍ଞର ପରିଚାଳନା ନିମନ୍ତେ ରାମଚନ୍ଦ୍ରଙ୍କ ନବବାମା ପୂର୍ବଜନ୍ମରେ କି ତପସ୍ୟା କରିଥିଲେ ଓ କେଉଁ ମନ୍ତ୍ର ଜପକରି ସେ ରାମଚନ୍ଦ୍ରଙ୍କ ପତ୍ନୀ ହେବାର ସୌଭାଗ୍ୟ ଲାଭ କରିପାରିଲେ ଏହି କଥା ଜାଣିବା ନିମନ୍ତେ ତପସ୍ୱିନୀ ସୀତା ପତ୍ର ଲେଖିଥିଲେ ।	୩x୨	୬

Q. No.	KEY POINTS / VALUE POINTS	DIVISION OF MARKS	TOTAL MARKS
	(ଗ) **ପିଙ୍ଗଳାର ଅଭିସାର– ରାଧାମୋହନ ଗଡ଼ନାୟକ** ପିଙ୍ଗଳା ଜୀବନର ଉତ୍ତରଣ ହେବାପରେ ସେ ଅନୁଶୋଚନା କରିଛି ଯେ, ଅମୃତର ସନ୍ତାନ ଭାବରେ ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇ ମଧ୍ୟ ସର୍ପିଣୀ ପରି ସେ ସୃଷ୍ଟିରେ ବିଷମ ବିଷ ଢାଳି ଦେଇଛି, ତେଣୁ ସେ ନିଜକୁ ସର୍ପିଣୀ ବୋଲି କହିଛି । (ଘ) **ବାର୍ତ୍ତା– ସଚ୍ଚିଦାନନ୍ଦ ରାଉତରାୟ** ଯୁଗଯୁଗ ଧରି ଭୟଙ୍କର ଅତ୍ୟାଚାର ସମୂହ ମାନବ ଆତ୍ମାକୁ ପୀଡ଼ା ଦେଇଛି । (ଙ) **ବଡ଼ପଣ– ରାଧାନାଥ ରାୟ** ରାଜାମାନେ ପ୍ରଜାମାନଙ୍କୁ ଶୋଷଣ କରି ଗଣିକା, ଓକିଲ ଓ ଛାମୁଆ (ରାଜାଙ୍କ ଅନୁଗତ) ମାନଙ୍କୁ ପୋଷଣ କରୁଥିଲେ ।		
୧୩.	(କ) ବାଜ– ପାରା ପରି (ଖ) ହୃଦୟ ବିକଳରେ (ଗ) ବରଷାର ନୀପ ଫୁଲ ପରି (ଘ) ବସନ୍ତ	୪x୧	୪
୧୪.	ଗାଲ୍ସ୍ୱିକଙ୍କ ସଂପର୍କରେ ପରିଚୟ ବିଷୟବସ୍ତୁ / ଲେଖାର ଶୈଳୀ, ଭାଷା ନିଜସ୍ୱ ମନ୍ତବ୍ୟ	୧ ୩ ୧	 ୫+୫ =୧୦

ବି.ଦ୍ର.: ପରୀକ୍ଷକ ଛାତ୍ରଛାତ୍ରୀମାନଙ୍କର ଲେଖାର ବାସ୍ତବତାକୁ ଆଧାର କରି ମୂଲ୍ୟାଙ୍କନ କରିବା ଉଚିତ୍ ।

* * *